# ସୃଷ୍ଟି କରାଯାଉଛି ହେନ୍ତାଳ ବଣ





- ଉପରଆଡିଆରେ ୩୩ ହଜାରରୁ ଅଧିକ ଚାରାରୋପଣ
- ସାମୁଦ୍ରିକ ଜୀବମାନଙ୍କୁ ସହାୟକ ହେବ ହେନ୍ତାଳ ବଣ

ବାଲେଶ୍ୱର, ୫।୬(ସମିସ):

ପରିବେଶ ସହ ଜଡିତ ହେନ୍ତାଳ ବଣ। ହେନ୍ତାଳବଣ ଥିଲେ ଅଧିକ ଅମ୍ଳଜାନ ମିଳିଥାଏ ଏବଂ ମୃତ୍ତିକା କ୍ଷୟ କମେ। ଏମିତିକି ହେନ୍ତାଳ ବଣ ସାମୁଦ୍ରିକ ଜୀବମାନଙ୍କ ପ୍ରଜନନ ପାଇଁ ଉପଯୁକ୍ତ ସ୍ଥାନ ମଧ୍ୟ ହୋଇପାରିବ। ତାହାର ପତ୍ର, ଚେର ଆଦିକୁ ସାମୁଦ୍ରିକ ଜୀବ ଖାଦ୍ୟ ରୂପେ ଗ୍ରହଣ କରନ୍ତି। ତେବେ ଏହି ହେନ୍ତାଳବଣ ପରିବେଶ, ମୃତ୍ତିକା ସହ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ବଞ୍ଚିଶା ନଦୀ ମୁହାଣ ପାଖରେ ହେନ୍ତାଳ ବଣ ସୃଷ୍ଟି ତଥା ସଂରକ୍ଷଣ ମାଧ୍ୟମରେ ବାତ୍ୟା, ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ପାଇଁ ପ୍ରୟାସ କରାଯାଉଛି। କାରଣ ହେନ୍ତାଳବଣ ରହିଲେ ଝଡ, ବାତ୍ୟା କିମ୍ବା ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରୁ ସ୍ଥାନୀୟ ଲୋକ ସୁରକ୍ଷିତ ରହିପାରିବେ। ସେଥିପାଇଁ ଗତବର୍ଷ ଜୁନ୍ ମାସ ଏହି ପରିବେଶ ଦିବସରେ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଜଗତସିଂହପୁର, ଗଞ୍ଜାମ ସହିତ ବାଲେଶ୍ୱରର ବାହାନଗା ବ୍ଲକ ଖରାସାହାପୁର ଗାଁରେ ଫାଉଣ୍ଡେସନ ପକ୍ଷରୁ ହେନ୍ତାଳ ଚାରାରୋପଣ କରାଯାଇଛି। ବାଲେଶ୍ୱର ବନଖଣ୍ଡ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କ ସମ୍ପୂର୍ଣ୍ଣ ସହଯୋଗରେ ୩୩ ହଜାରରୁ ଅଧିକ ହେନ୍ତାଳ ଚାରାରୋପଣ କରାଯାଇଛି। ତେବେ ଫାଉଣ୍ଡେସନ ପକ୍ଷରୁ ବାଲେଶ୍?ରରେ ଆହୁରି ବନ୍ୟା, ବାତ୍ୟା ଓ ସୁନାମୀ ପ୍ରବଣ ଅଞ୍ଚଳ ରେମୁଣା, ଭୋଗରାଇ ଏବଂ ସଦରରେ ଏବର୍ଷ ହେନ୍ତାଳ ଚାରା ରୋପଣ ପାଇଁ ଯୋଜନା କରାଯାଇଛି। ତେବେ ଚାରା ରୋପଣ ପରେ ଯତ୍ନ ଓ ପରିଚାଳନା ସବୁଠୁ ବଡ଼ କାମ। ଯେଉଁଥିପାଇଁ ରିଲାଏନ୍ସ ଫାଉଣ୍ଡେସନ ସ୍ଥାନୀୟ ଲୋକଙ୍କ ସହଯୋଗ ନେଇ କାମ କରୁଛି। ଉକ୍ତ ଗାଁ ଟି ପୁରା ସମୁଦ୍ର ନିକଟତର ହୋଇଥିବାରୁ ନିଜ ଅଞ୍ଚଳରେ ହେନ୍ତାଳର ଏକ ଛୋଟିଆ ଜଙ୍ଗଲ ସୃଷ୍ଟି ପାଇଁ ସ୍ଥାନୀୟ ଲୋକ ପ୍ରୟାସରେ ଲାଗିଛନ୍ତି। ଯାହାଦ୍ୱାରା ଲୋକମାନେ ଏକାଧିକ ଲାଭ ପାଇପାରିବେ। "ରିଲାଏନ୍ସ ଫାଉଣ୍ଡେସନ ବିପର୍ଯ୍ୟୟ ପରିଚାଳନା ପାଇଁ କାମ ଆରମ୍ଭ କରିଛି। ଓଡ଼ିଶାର ବିଶେଷକରି ଭଦ୍ରକ, ଜଗତସିଂହପୁର, ଗଞ୍ଜାମ ସମେତ ବାଲେଶ୍ୱରରେ ଏହି ବିପର୍ଯ୍ୟୟ ପରିଚାଳନା ପାଇଁ ଏହି ଫାଉଣ୍ଡେସନ କାମ କରୁଛି। ଯେହେତୁ ଏସବୁ ଅଞ୍ଚଳରେ ଅନେକ ବାତ୍ୟା, ବନ୍ୟା, ସୁନାମି ପ୍ରବଣ ଅଞ୍ଚଳ ବା ଗାଁ ରହିଛି। ସେଥିପାଇଁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ମୁଖ୍ୟତଃ ହେନ୍ତାଳବଣ ରୋପଣ ତଥା ସଂରକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ସବୁ ଜିଲ୍ଲାର ବାତ୍ୟା ବା ବନ୍ୟା ପ୍ରବଣ ଗାଁ ଚିହ୍ନଟ କରାଯାଇ ସେଠାରେ ହେନ୍ତାଳବଣ ସୃଷ୍ଟି କରାଯାଉଛି। ଖରାସାହାପୁର ରେଭିନ୍ୟୁ ପଞ୍ଚାୟତର ଉପରଆଡିଆର ଶହେ ଲୋକଙ୍କ ସହାୟତାରେ ରିଲାଏନ୍ସ ଫାଉଣ୍ଡେସନ ହେନ୍ତାଳ ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରିଛନ୍ତି। ହେନ୍ତାଳବଣ ସୃଷ୍ଟି ଦ୍ୱାରା କଣ ଲାଭ ହେବ ଏନେଇ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ଅସୁରକ୍ଷିତ ସ୍ଥାନରେ ରହୁଥିବା ହେତୁ ବାତ୍ୟା, ବନ୍ୟାର ପ୍ରଭାବର ସ୍ଥାନୀୟ ଲୋକଙ୍କ ଉପରେ ଅଧିକ ରହିବ। ହେନ୍ତାଳବଣ ରହିଲେ ଅକ୍ସିଜେନ ଅଧିକ ମିଳିପାରେ। ତେଣୁ ଏସବୁ ସଚେତନତା ପରେ ସ୍ଥାନୀୟ ଲୋକ ମଞ୍ଜି ସଂଗ୍ରହ ସହ ଚାରା ରୋପଣ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଉଛନ୍ତି। ଏହା ସାଧାରଣତଃ କାଦୁଅ ଜାଗାରେ ଲଗାଯାଇଥାଏ। ଯେଉଁଠାରେ ଲୁଣି ପାଣି ସହ ମିଠା ପାଣି ବି ମିଳୁଥିବ। ବାଲେଶ୍ୱରର ଖରାସାହାପୁର ପଞ୍ଚାୟତର ଉପରଆଡିଆରେ ସ୍ଥାନୀୟ ଲୋକଙ୍କ ସହାୟତାରେ ହେନ୍ତାଳ ଚାରା ରୋପଣ କରାଯାଇଛି। ଏହାର ମଞ୍ଜି ଦେବୀ ନଦୀ, ଭିତରକନିକାରୁ ମଞ୍ଜି ସଂଗ୍ରହ କରି ନର୍ସରୀରେ ଚାରା ସୃଷ୍ଟି କରାଯାଇଛି। ବାଲେଶ୍ୱର ବନଖଣ୍ଡ ବିଭାଗ ସହାୟତାରେ ବାଲେଶ୍ୱରରେ ହେନ୍ତାଳ ବଣ ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି। ସ୍ଥାନୀୟ ଲୋକଙ୍କ ପ୍ରୟାସରେ ପ୍ରଥମେ ୧୦ ହଜାର ୫୦୦ କ୍ଷମତା ବିଶିଷ୍ଟ ଏକ ନର୍ସରୀ ସୃଷ୍ଟି କରାଯାଇଛି। ସେଥିରେ ରାଇ, ସିନ୍ଧୁକା, ଗରଣୀ, ବନ୍ଦରୀ, ବନୀ ପ୍ରଜାତିର ଚାରା ରହିଛି। ପରେ ପ୍ରତି ଦେଢ଼ ମିଟର ଦୂରତାରେ ଗୋଟେ ଗୋଟେ ଗଛ ଲଗାଯାଇଛି। ସ୍ଥାନୀୟ ବନୀ ସହ ଜୈବ ବିବିଧତା ବୃଦ୍ଧି ପାଇ ଅନ୍ୟ ପ୍ରଜାତି ମଧ୍ୟ ଲଗାଯାଇଛି। ସ୍ଥାନୀୟ ଲୋକଙ୍କ ବିପୁଳ ସହାୟତାରେ ଏକ ଛୋଟ ଜଙ୍ଗଲ ସୃଷ୍ଟି କରିବାକୁ ଯାଉଛନ୍ତି। ଅନେକ ଯୁବ ସ୍ୱେଚ୍ଛାସେବୀ ମଧ୍ୟ ଏଥିରେ କାମ କରୁଛନ୍ତି। ତେବେ ଆଗାମୀ ୬/୭ ବର୍ଷ ମଧ୍ୟରେ ସେଠାରେ ଏକ ଛୋଟ ହେନ୍ତାଳବଣ ସୃଷ୍ଟି ହୋଇଯିବ। ତେବେ ଏହି ହେନ୍ତାଳବଣ ପର୍ଯ୍ୟଟକଙ୍କୁ ମଧ୍ୟ ବେଶ୍ ଆକୃଷ୍ଟ କରିପାରିବ। କାରଣ ଏବେ ବି ଅନେକ ଲୋକ ଆସି ହେନ୍ତାଳ ଚାରା ନର୍ସରୀରେ ବୁଲି ସେଲଫି ନେଉଛନ୍ତି ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ମିଳିଛି।

## ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ସୋର, ୫।୬(ସମିସ) : ସୋର ପୌରାଞ୍ଚଳ ରାଇପୁର ଗ୍ରାମରେ ଝାଡାବାନ୍ତିରେ ୩୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଛନ୍ତି। ଏହି ଗ୍ରାମରେ ଗତ ୩ ତାରିଖ ସୋମବାର ଦିନ ଜଣେ ବ୍ୟକ୍ତିଙ୍କର ଘର ପ୍ରତିଷ୍ଠା ଚାଲିଥିଲା। ଏହି ଉପଲକ୍ଷେ ଗ୍ରାମବାସୀ ଓ ବନ୍ଧୁବାନ୍ଧବ ମାନେ ଭୋଜିଭାତ ଖାଇଥିଲେ। ପରେ ସୋମବାର ରାତିଠାରୁ କିଛି ଲୋକଙ୍କର ପେଟ ଯନ୍ତ୍ରଣା ହେବା ସହିତ ଝାଡା ବାନ୍ତି ଓ ଜ୍ୱର ହୋଇଥିଲା। ଫଳରେ ପରିବାର ଲୋକେ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି କିଛି ବନ୍ଧୁବାନ୍ଧବ ମଧ୍ୟ ସମାନ ଢଙ୍ଗରେ ଆକ୍ରାନ୍ତ ହେବାରୁ ସେମାନଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କର ଚିକିତ୍ସା ସେଠାରେ କରାଯିବା ପରେ ଖାଦ୍ୟ କାରଣରୁ ଏପରି ହୋଇଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଅନେକ ଲୋକେ ଏଥିରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡ଼ିଛି।

## ଜନମତକୁ ସ୍ୱୀକାର କଲେ ସୁବ୍ରତ

ସୋର, ୫।୬(ସମିସ): ସରିଯାଇଛି ସାଧାରଣ ନିର୍ବାଚନ। ଚଳିତ ନିର୍ବାଚନରେ ଭଦ୍ରକ ସଂସଦୀୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ସୋରରେ ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ଏଠାରେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ସୁବ୍ରତ ଧଡ଼ା ୩୨ ହଜାର ୧୪୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ଦିନେ ଏହି ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ଼ ଭାବେ ପରିଚିତ ଥିବା ବେଳେ ଏବେ ନେତୃତ୍ୱ ସଙ୍କଟ ଦେଇ ଗତି କରୁଥିଲା। ଏହି ସମୟରେ ସୁବ୍ରତ ରାଜନୀତିରେ ପାଦ ଥାପିଥିଲେ। ଦୀର୍ଘ ୧୧ ମାସ ଧରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସହିତ ମିଶି ଦଳକୁ ସଂଗଠିତ କରିଥିଲେ। ସୋର ର ସ୍ୱାଭିମାନ ଏବଂ ଲୋକଙ୍କ ବିଭିନ୍ନ ସମସ୍ୟା ସହିତ ଜଡିତ ହୋଇଥିଲେ। ଗତକାଲି ଫଳାଫଳ ଘୋଷଣା ପରେ ସୁବ୍ରତଙ୍କୁ ୩୨୧୪୯ ଖଣ୍ଡ ଭୋଟ ମିଳିଥିଲା। ଏହି ଜନମତକୁ ସୁବ୍ରତ ସ୍ୱୀକାର କରିବା ସହିତ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟ କଂଗ୍ରେସ କର୍ମୀ ଏବଂ ବରିଷ୍ଠ ନେତାଙ୍କୁ ସାଧୁବାଦ ଜଣାଇଛନ୍ତି। ଜୀବନର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ସୋରର ସ୍ୱାଭିମାନ ଏବଂ ଲୋକଙ୍କ ବିଭିନ୍ନ ସମସ୍ୟା ସହିତ ଜଡିତ ରହି ଲୋକଙ୍କ ସେବା କରିବେ ବୋଲି ଶ୍ରୀ ଧଡ଼ା କହିଛନ୍ତି।

## ଖଇରାରେ ବିଧାୟକ ପଦ୍ମଲୋଚନଙ୍କ ବିଜୟ ଶୋଭାଯାତ୍ରା

ଖଇରା, ୫।୬ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳି ଅଧୀନ କଇରା ବ୍ଲକରେ ନବ ନିର୍ବାଚିତ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୁଧବାର ସକାଳେ ସିମୁଳିଆ ଦିଘିସ୍ଥିତ ଜଗନ୍ନାଥ ମନ୍ଦିରରେ ପରିବାରବର୍ଗଙ୍କ ସହ ପୂଜାର୍ଚ୍ଚନା ପରେ ସିମୁଳିଆ ବ୍ଲକରେ ଶୋଭାଯାତ୍ରା ଆୟୋଜନ ପରେ ଅପରାହ୍ନରେ ଖୋଲା ଜିପରେ ଶ୍ରୀ ପଣ୍ଡା ଅନ୍ୟନେତୃବୃନ୍ଦଙ୍କ ସହ ତୁଡିଗଡ଼ିଆରୁ ନିଜର ବିଜୟ ଶୋଭାଯାତ୍ରା ଆରମ୍ଭ କରିଥିଲେ। ବିଧାୟକ ପଣ୍ଡାଙ୍କ ସହ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ ରାଜେଶ କୁମାର ମହାକୁଡ, ଯୁବନେତା ନିଳମାଧବ ପଣ୍ଡା, ଜିଲା ସମ୍ପାଦକ ଅଜୟ କୁମାର ବେହେରା, ତୁଡିଗଡ଼ିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ପ୍ରାକ୍ତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ଜଗଦିଶ ପଣ୍ଡା, କୁପାରୀ ଜୋନ ସଭାପତି ପତିତପାବନ କର, ମହିଳା ସମ୍ପାଦିକା ଭାରତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଖଇରା କଲେଜ ଛକ ନିକଟରେ ଖଇରା ସାମ୍ବିଦିକ ସଂଘ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପଦେଷ୍ଟା ଅନାମ ଚରଣ ପଣ୍ଡା, ସଭାପତି ଉତ୍କଳବନ୍ଧୁ ପଣ୍ଡା, ସମ୍ପାଦକ ବଳରାମ ଲେଙ୍କା, ମନୋଜ କୁମାର ପ୍ରଧାନ, ଉମେଶ କୁମାର ଜେନା, ଦୁର୍ଗାମାଧବ ଓଝା, ସଞ୍ଜୟ କୁମାର ବେହେରା, ଦେବବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଳ୍ପ ଭୋଟରେ ବିଜୟୀ ହେଲେ ଅଶ୍ୱିନୀ

ଜଳେଶ୍ୱର ବ୍ଲକ, ୫।୬ (ସମିସ) : ଜଳେଶ୍ୱର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ବିଜୟୀ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବିଜୟ ସୂଚନାରେ ଦ୍ୱନ୍ଦ ଓ ପରେ ନିର୍ବାଚନ କମିଶନର ଲିଖିତ ୩୧୯ ଭୋଟରେ ବିଜୟ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅଶ୍ୱିନୀ କୁମାର ପାତ୍ର ୮୩୧୦୫ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ୮୨୭୮୬ ଭୋଟ ପାଇଛନ୍ତି। ଅନ୍ୟ ପକ୍ଷରେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସ ୨୬୬୯୨ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୯ ରେ ବିଜେଡି ୮୫୪୩୫, ବିଜେପି ୪୯୯୯୨ ଓ କଂଗ୍ରେସ ୩୫୦୨୬ ଭୋଟ ପାଇଥିଲେ। ୨୦୨୪ରେ ବିଜେପି ଭୋଟ ହାରରେ ବେଶ ଅଭିବୃଦ୍ଧି ହୋଇଥିବା ବେଳେ କଂଗ୍ରେସର ଜନାଧାର କମି କମି ଚାଲିଛି। ବିଜେଡି ୮୩୧୦୫, ବିଜେପି ୮୨୭୮୬ ମତ ପାଇଥିବା ବେଳେ କଂଗ୍ରେସ ଦଳ ୨୬୬୯୨ ଭୋଟ ପାଇ ୩ୟ ସ୍ଥାନରେ ରହିଛି। ବିଳମ୍ବରେ କଂଗ୍ରେସ ପ୍ରାର୍ଥୀଙ୍କୁ ଟିକେଟ ଦେବା ପୁଣି ପ୍ରାର୍ଥୀ ପରିବର୍ତ୍ତନ କରିବା ଓ ଦଳୀୟ କର୍ମକର୍ତ୍ତାଙ୍କ ଅନୁପସ୍ଥିତ ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହେଲା ବୋଲି ଚର୍ଚ୍ଚା ହେଉଛି।

## ବିଶ୍ୱ ପରିବେଶ ଦିବସ ପାଳିତ

ନୀଳଗିରି, ୫।୬ (ସମିସ): ଆହ୍ୱାନ ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ସଭାପତି ସଂଯୁକ୍ତା ଦଳପତି ଓ ସମ୍ପାଦିକା ଅରୁଣା ବାରିକଙ୍କ ନେତୃତ୍ୱରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ପୂର୍ବାହ୍ନ ୧୦ ଘଟିକାଠାରୁ ସନ୍ତରାଗଡ଼ିଆ, ଯୋକଗଡ଼ିଆ, ଶ୍ରୀଦେଇପୁର ଏବଂ ପାଟଣାପଦା ଗ୍ରାମରେ ବୃକ୍ଷ ରୋପଣ କରିବା ସହିତ ଗ୍ରାମବାସୀ ମାନଙ୍କୁ ପରିବେଶ ସୁରକ୍ଷା, ଗ୍ଲୋବାଲ ୱାର୍ମିଙ୍ଗ ଏବଂ ବୃକ୍ଷ ରୋପଣ ର ଉପାଦେୟତା ବିଷୟରେ ସଚେତନତା କରିବା ସହିତ ଅପରାହ୍ନରେ ଯୋକଗଡ଼ିଆ ସପ୍ତାଙ୍ଗ ପରିସରରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ନିଜସ୍ୱ ପ୍ରଚେଷ୍ଟାରେ ଅଞ୍ଚଳବାସୀଙ୍କ ସହଯୋଗ ରେ ଅନେକ ବୃକ୍ଷ ରୋପଣ କରିବା ନେଇ ଆଗ୍ରହୀ ଥିବା ସଂଗଠନ ତରଫରୁ ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ସେନାପତି, ଉର୍ମିଳା ଦେ, ବେଦମତି ଦାସ, କଳ୍ପନା ବେହେରା, ଦମୟନ୍ତୀ ବ୍ରହ୍ମ, ତକ୍ଷରମଣୀ ଜେନା, ନିରୁପମା ସାହୁ, ମିନତୀ ପ୍ରଧାନ, ଲହରୀ ଦାସ, ଗୀତାଞ୍ଜଳି ଦେଉରି, ହୃଷିକେଶ ବ୍ରହ୍ମ, ପର୍ଶୁରାମ ରାଉତ, ଲିଟୁ ସାହୁ ପ୍ରମୁଖ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ଭୋଗରାଇବାସୀଙ୍କୁ କୃତଜ୍ଞତା ଜଣାଇଲେ ସତ୍ୟଶିବ



ଭୋଗରାଇ/ଚୌକି, ୫।୬ (ସମିସ): ଚଳିତ ସାଧାରଣ ନିର୍ବାଚନରେ ଭୋଗରାଇ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିବା ପ୍ରାର୍ଥୀ ସତ୍ୟଶିବ ଦାସ ବୁଧବାର ଜଳେଶ୍ୱରପୁରସ୍ଥିତ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଭୋଗରାଇ ବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅର୍ଥ ଓ ବାହୁବଳ ନଥିବା କଂଗ୍ରେସକୁ ପ୍ରତିକୂଳ ପରିବେଶରେ ଭୋଗରାଇ ବାସୀ ଅକୁଣ୍ଠ ଆଶୀର୍ବାଦ ଅଜାଡି ଦେଇଛନ୍ତି। ବିଶେଷ କରି ମୋତେ ବ୍ୟକ୍ତିଗତ ଭାବରେ ବହୁ ପଞ୍ଚାୟତରୁ ଭୋଟର ମାନେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମୁଁ ସିନା ଭୋଟର ଜିତି ପାରିନି ମାତ୍ର ଭୋଗରାଇ ବାସୀଙ୍କ ହୃଦୟ ଜିତିପାରିଛି। ମୋତେ ଭଲ ପାଉଥିବା ପ୍ରତ୍ୟେକ ଭୋଗରାଇବାସୀଙ୍କ ପାଖରେ ମୁଁ ପୂର୍ବପରି ସବୁଦିନ ରହି ସେବା କରୁଥିବି ବୋଲି ଶ୍ରୀ ଦାସ କୋହଭରା କଣ୍ଠରେ ସୂଚନା ଦେଇଥିଲେ। ସୂଚନା ଥାଉକି, ଶ୍ରୀ ଦାସ ୨୦୧୪, ୨୦୧୯ ରେ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିବା ବେଳେ ଚଳିତ ଥର ମଧ୍ୟ ବିଜେଡ଼ି ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କ ଠାରୁ ୬୫୯୪ ଭୋଟର ପରାଜିତ ହୋଇଥିଲେ। ବ୍ଲକ କଂଗ୍ରେସ ଉପସଭାପତି ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଜିଲ୍ଲା ସମ୍ପାଦକ ତଥା ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା, ଜିଲ୍ଲା ମହିଳା ସମ୍ପାଦିକା ତଥା ମନ୍ଦାରସାହି ସରପଞ୍ଚ ମମତା ସାହୁ, ଜୋନ ସଭାପତି, କାର୍ତ୍ତିକ ପାତ୍ର, ରାଧାବିନୋଦ ଦାସ, ରତନ ବାଗ, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ବ୍ଲକ ମହିଳା କଂଗ୍ରେସ ସଭାପତି ମୀନାରାଣୀ ସୁର, ବରିଷ୍ଠ କଂଗ୍ରେସ ନେତା ଦୀପେଶ ଚନ୍ଦ୍ର ରାୟ, ଦୀପକ କୁମାର ଜେନା, ଉମାରାଣୀ ଦାସ, ଶିଶିର ମହାପାତ୍ର ଓ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ଝାଡ଼ଖଣ୍ଡୀ ହାତୀଙ୍କ ଉପଦ୍ରବ

# ହାତୀ ଘଉଡ଼ାଇବାରେ ବିଫଳ ବନ ବିଭାଗ





ନୀଳଗିରି, ୫।୬(ସମିସ):

ଅସହ୍ୟ ହେଲାଣି ହାତୀ ଉପଦ୍ରବ। କେତେବେଳ ଘର ଭାଙ୍ଗି ଧାନ ଚାଉଳ ଖାଇ ବ୍ୟାପକ ଧନ ନଷ୍ଟ କରୁଛନ୍ତି ତ ଆଉ କେତେବେଳେ ଫସଲ ନଷ୍ଟ କରୁଛନ୍ତି, ଆଉ କେତେବେଳେ ଫାର୍ମ ହାଉସ ଭିତରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ଦିଗରେ ହାତୀ ଘଉଡ଼ାଇବା ରେ ବନବିଭାଗ ବିଫଳ ହୋଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଗତ ମାସ ୩୦ ତାରିଖ ଦିନ ନୀଳଗିରି ବନାଞ୍ଚଳ ଅଧୀନ ଅଯୋଧ୍ୟା ପଞ୍ଚାୟତ ଗୋପାଳପୁର ଜଙ୍ଗଲରେ ୪୬ ଝାଡଖଣ୍ଡୀ ହାତୀ ପଲ ପ୍ରବେଶ କରିବାର ଆଜକୁ ୭ଦିନ ଧରି ଗୋପାଳପୁର ଜଙ୍ଗଲରେ ରହି ପ୍ରତିଦିନ ଜନବସତି ମୁହାଁ ହେଇଛନ୍ତି। ଏଥିରେ ଗତ ଶନିବାର ରାତ୍ରିରେ କାଠପାଳ ଗ୍ରାମର ନିରଞ୍ଜନ ଦେହୁରୀଙ୍କ ଘରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଠିକ ସେହିଭଳିଭାବେ ଭଡଁରିଆବାଡ଼ ପଞ୍ଚାୟତ କୁଡୁମିପାଳ ଗ୍ରାମର କାର୍ତ୍ତିକ ସିଂ ଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ। ଗତ ତିନି ଦିନ ଧରି ଲଗାତାର ଭାବେ ଉକ୍ତ ଗ୍ରାମର ମନ୍ଦାକିନୀ ମିଶ୍ରଙ୍କ ଫାର୍ମ ହାଉସରେ ସନ୍ଧ୍ୟା ସମୟରେ ପ୍ରବେଶ କରି ଆମ୍ବ ବଗିଚାରେ ଥିବା ଫଳନ୍ତି ଆମ୍ବ ଗଛ ଭାଙ୍ଗିଦେଇ ଧରାଶାୟୀ କରିଛନ୍ତି। ସେଥିରେ ୧ କୁଇଣ୍ଟାଲ ରୁ ଉର୍ଦ୍ଧ କଞ୍ଚା ଆମ୍ବ ନଷ୍ଟ ହୋଇଛି। ଚଳିତ ବର୍ଷ ପାଚିଲା ଡାଲୁଅ ଧାନ ବିଲରେ ଧାନ ଖାଇବା ସହିତ ମାଡି ଚକଟି ବ୍ୟାପକ କ୍ଷତି କରିଛନ୍ତି। ଫାର୍ମ ହାଉସର ଷ୍ଟୋର ରୁମର କାନ୍ଥ ଓ ଛପର ଭାଙ୍ଗି ଭିତରେ ଥିବା ଧାନ ସବୁ ଖାଇଛନ୍ତି। ଏହି ଅଞ୍ଚଳରେ ଲଗାତାର ପାଞ୍ଚ ଦିନ ହେଲା ଏହି ଦଲମା ହାତୀ ଉପଦ୍ରବ ଚଳାଇଥିବା ମନ୍ଦାକିନୀ ମିଶ୍ର ପ୍ରକାଶ କରିଛନ୍ତି। ବନବିଭାଗ ପାଖରେ ସେ ଲିଖିତ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି ବନବିଭାଗ ପକ୍ଷରୁ କୌଣସି କ୍ଷୟ କ୍ଷତି ଆକଳନ କରାଯାଇନଥିବା ସେ ଦୁଃଖର ସହ ପ୍ରକାଶ କରିଛନ୍ତି। ଅଞ୍ଚଳ ବାସୀ ଏକପ୍ରକାର ଭୟଭୀତ ଅବସ୍ଥାରେ କାଳାତିପାତ କାରୁଥିବା ବେଳେ ବନବିଭାଗ ହାତୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ଉକ୍ତ ହାତୀ ପଲ ମଧ୍ୟରୁ ୧୨ରୁ ଅଧିକ ଦନ୍ତା ହାତୀ ଥିବା ବେଳେ ୭ରୁ ଅଧିକ ଛୁଆ ହାତୀ ଅଛନ୍ତି। ବନ ବିଭାଗ ହାତୀ ସମ୍ପର୍କରେ ସତର୍କ ସୂଚନା ଜାରି କରିଥିବା ବେଳେ ଖବର ପାଇଲେ ନିକଟସ୍ଥ ବନ କର୍ମଚାରୀଙ୍କୁ ସୂଚନା ଦେବାକୁ ନିବେଦନ କରାଯାଇଛି। ଏହି ଜଙ୍ଗଲୀ ହାତୀ ନୀଳଗିରିକୁ କ୍ରମାଗତ ଭାବେ ୧୦ ବର୍ଷ ହେବ ଶତାଧିକ ଝାଡ଼ଖଣ୍ଡ ହାତୀ ଖରିଫ ଧାନ ଅମଳ ବେଳେ ଆସି ବ୍ୟାପକ ଧନ ଜୀବନ ନଷ୍ଟକରି ଯାଇଥାନ୍ତି।

## ଛାତରୁ ଖସିପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଚୌକି, ୫।୬ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କଖଡ଼ା ଗ୍ରାମପଞ୍ଚାୟତର ତଲାଡ଼ି ଗ୍ରାମର ମଳୟ କୁମାର ଦାସ (୭୦) ଆଜି ସକାଳେ ତାଙ୍କ ଘର ଛାତ ଉପରକୁ ଯାଇ ଗଛରୁ ଫୁଲ ତଳୁଥିବା ବେଳେ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ମଳୟଙ୍କୁ ପରିବାର ଲୋକେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ମଧ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆ ଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ନବ ନିର୍ବାଚିତ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସମାଜସେବୀ ଆଶିଷ ଦାସ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସିପିଆଇଏମ୍‌ରୁ ଯୋଗାନନ୍ଦ ଦାଶଙ୍କ ଇସ୍ତଫା



ନୀଳଗିରି, ୫।୬(ସମିସ): ଚଳିତ ସାଧାରଣ ନିର୍ବାଚନରେ ନୀଳଗିରି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିବା ବରିଷ୍ଠ ସିପିଆଇ(ଏମ)ନେତା ଯୋଗାନନ୍ଦ ଦାଶ ବୁଧବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦଳରେ ବିରୋଧୀ କାମ ଚାଲିଥିବାରୁ ଦଳରୁ ଇସ୍ତଫା ଦେଇଥିବା ସେ କହିଛନ୍ତି। ଏ ନେଇ ସେ ଆଜି ଦଳର ବାଲେଶ୍ୱର ଜିଲ୍ଲା ସମ୍ପାଦକଙ୍କୁ ପତ୍ର ଯୋଗେ ଅବଗତ କରିଛନ୍ତି। ଗତକାଲି ହୋଇଥିବା ଭୋଟ ଗଣତିରେ ଯୋଗାନନ୍ଦ ମାତ୍ର ୧୪୨୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିବା ଯୋଗୁଁ ସେ ଆଜି ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ସେ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତର ୨ଥର ସରପଞ୍ଚ ଓ ନୀଳଗିରି ନିର୍ବାଚନ ମଣ୍ଡଳୀର ୨ନମ୍ବର ଜୋନରୁ ଜିଲାପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ। ସେହିପରି ଉକ୍ତ ପଞ୍ଚାୟତରେ ବର୍ଗ ପରିବର୍ତ୍ତନ ହେବାରୁ ସେ ୩ ଜଣଙ୍କୁ ସରପଞ୍ଚ ପ୍ରାର୍ଥୀ କରି ବିଜୟ କରାଇଥିବାବେଳେ ନିଜେ ୨୦୧୯ ଓ ୨୦୨୪ରେ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।

## ଦୁଇ ବାଇକ୍ ଧକ୍କାରେ ୩ ଗୁରୁତର



ଜଳେଶ୍ୱର ବ୍ଲକ, ୫।୬ (ସମିସ) : ଆଜି ଅପରାହ୍ନରେ ଜଳେଶ୍ୱରରୁ ନାମ୍ପୋ ଅଭିମୁଖେ ଓ ଥାନା ଛକରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ୨ ବାଇକ୍ ୫୭ ରାଜ୍ୟ ରାଜପଥର ଆମ୍ବଳିଅଠା ପେଟ୍ରୋଲ ପମ୍ପ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ବାଣିଦା ଗାଁର ଦୁର୍ଗା ଶଂକର ନାୟକ (୨୬), କାଶିଡିହା ଗାଁର ମହେଶ୍ୱର ଦାସ ଏବଂ ଦେହୁର୍ଦ୍ଧା ଗାଁର ଚନ୍ଦନ ବିଶ୍ୱାଳ(୨୪) ଓ ଜଗା ଘଡେଇ (୨୫) ଗୁରୁତର ହୋଇଥିଲେ। ଗାଡି ୨ଟି ଭାଂଗିରୁଜି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ୪ଜଣଙ୍କୁ ଜିକେ ଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚ ବାଇକ୍ ୨ଟିକୁ ଜବତ୍ କରି ତଦନ୍ତ ଆରମ୍ଭ କରିଛନ୍ତି।

## ସାଂସଦ ଓ ବିଧାୟକଙ୍କୁ ଶୁଭେଚ୍ଛାର ସୁଅ



ନୀଳଗିରି, ୫।୬(ସମିସ): ୨୦୨୪ ସାଧାରଣ ନିର୍ବାଚନ ଫଳ ପ୍ରକାଶ ହେବା ପରେ ଆଜି ସକାଳେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ବାସଭବନକୁ ବହୁ ପ୍ରଶଂସକ, ଶୁଭେଚ୍ଛୁ, ଦଳୀୟ ନେତୃବୃନ୍ଦ, କର୍ମୀ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କୁ ନିଆରା ଢଙ୍ଗରେ ଶୁଭେଚ୍ଛୁ ଶୁଭେଚ୍ଛା ଜଣାଇ ଥିଲେ। ରାମ ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ରାସ୍ତା ସାରା ରାମ ଭଜନ ଗାଇ, ଖୋଳ କୀର୍ତ୍ତନ ଭଜନ କରି ଗୋପୀନାଥପୁର ବାସଭବନ ଠାରେ ପହଞ୍ଚି ଶୁଭେଚ୍ଛା ଜଣାଇ ଥିଲେ। ପରେ ଉପସ୍ଥିତ ଶୁଭେଚ୍ଛୁଙ୍କୁ ଲଡୁ ଖୁଆଇ ଥିଲେ। ଆଗାମୀ ଦିନରେ ଓଡ଼ିଶାର ଉନ୍ନତି ପାଇଁ ପରିକରବଦ୍ଧ ବୋଲି ସାଂସଦ କହିଥିଲେ। ଜଡିବାଲି ସ୍ଥିତ ଫାର୍ମ ହାଉସ ରେ ବିଧାୟକ ସନ୍ତୋଷ ଖଟୁଆଙ୍କୁ ଶତାଧିକ ସମର୍ଥକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଞ୍ଚଳର ଉନ୍ନତିକୁ ସେ ପ୍ରାଥମିକତା ଦେବେ ବୋଲି ଶ୍ରୀ ଖଟୁଆ କହିଥିଲେ।

## ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡରେ ତାଲା ପଡ଼ିଲା

ବଳରାମପୁର, ୫।୬(ସମିସ): ବାଲିଆପାଳ ବ୍ଲକ ନେତାଜୀ ଷ୍ଟାଡିୟମ ନିକଟରେ ଏକ ସରକାରୀ ନୂଆ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଏହି ବସଷ୍ଟାଣ୍ଡ ଫେବୃୟାରୀ ୧୫ ତାରିଖରେ ଉଦଘାଟନ କରାଯାଇ ଥିଲା। ଭୁବନେଶ୍ୱରର ଏଲ୍ ଏଣ୍ଡ କେ ନାମକ ଏକ ଠିକାଦାରୀ ସଂସ୍ଥା ସିକ୍ୟୁରିଟି କର୍ମଚାରୀ ନିଯୁକ୍ତି ସକାଶେ ବାଲିଆପାଳର ସରପଞ୍ଚଙ୍କ ମାଧ୍ୟମରେ ୫ଜଣ ପିଲାଙ୍କୁ ନିଯୁକ୍ତି ଦେଇଥିଲା। ଦୀର୍ଘ ୫ମାସ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଏମାନଙ୍କୁ ତାଙ୍କର ଦରମା ମିଳିନାହିଁ। ଏମାନେ ହେଲେ ଏସ କେ ଗୁଲାମ ମଇଉଦ୍ଦିନ, ସନ୍ତୋଷ କୁମାର ସେଠୀ, କମଳା କାନ୍ତ ଦାସ, ଦୀପକ କୁମାର ଜେନା ଓ ଦିଲ୍ଲୀପ କୁମାର ମଲ୍ଲିକ। ଏମାନଙ୍କୁ ନିଯୁକ୍ତି ଦେଲାପରେ ମଧ ପୁଣି ୫ ଜଣ ମହିଳା, ୨ଜଣ ପୁରୁଷଙ୍କୁ ନିଯୁକ୍ତି ଦେଇ ଏମାନଙ୍କୁ ଦରମା ଦେଇଛି ବୋଲି ପୂର୍ବରୁ ନିଯୁକ୍ତି ହୋଇଥିବା ପିଲାମାନେ କହୁଛନ୍ତି। ଏ ନେଇ ସେମାନେ ଗେଟରେ ତାଲା ପକାଇ ଦେଇଛନ୍ତି। ଏ ବିଷୟରେ ବିଡ଼ିଓ ଙ୍କୁ ପଚାରିବାରୁ ସେ କିଛି କହି ପାରିବେନି ବୋଲି କହିଥିଲେ। ବିଡ଼ିଓ ହେଉଛନ୍ତି ବସଷ୍ଟାଣ୍ଡ କମିଟିର ଚେୟାରମେନ। ବର୍ତ୍ତମାନ ନିର୍ବାଚନ ପାଇଁ ଯେଉଁ ଆଚରଣ ବିଧି ଲାଗୁ ହୋଇଛି ତା ' ଉଠିଲା ପରେ ଯାହା ହେବ। ମୋ ପାଖରେ କିଛି ତଥ୍ୟ ନାହିଁ କି ମୁଁ ଏମାନଙ୍କୁ ଦରମା ଦେଇ ପାରିବି ନାହିଁ। ଯିଏ ନିଯୁକ୍ତି ଦେଇଛି ସେ ଏ ବିଷୟରେ କହି ପାରିବ। ଏ ନେଇ ବ୍ଲକ ବିଡ଼ିଓଙ୍କ ସମ୍ମୁଖରେ ଉତ୍ତେଜନା ହେବାରୁ ବାଲିଆପାଳ ଥାନା ଅଧିକାରୀ ଆସି ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା।



# ନବନିର୍ବାଚିତ ଭୋଗରାଇ ବିଧାୟକ ଗୌତମବୁଦ୍ଧଙ୍କୁ ବିପୁଳ ସମ୍ବର୍ଦ୍ଧନା




ଚନ୍ଦନେଶ୍ୱର, ୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଜନତାଙ୍କ ପ୍ରତିନିଧି ଭାବେ ଗୌତମବୁଦ୍ଧ ଦାସ ବିଧାୟକ ଭାବେ ବିଜୟଲାଭ କରି ବିଜୁଜନତା ଦଳର ଗଡ଼କୁ ରକ୍ଷା କରିଛନ୍ତି। ଗତକାଲି ଫଳାଫଳ ଘୋଷଣା ପରେ ଆଜି ନବ ନିର୍ବାଚିତ ବିଧାୟକ ଶ୍ରୀ ଦାସ ଭୋଗରାଇ ପହଞ୍ଚିବା ପରେ ଆଜି ଦଳର କର୍ମକର୍ତ୍ତା ତଥା ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଗତ ୧୯୯୦ରୁ ଭୋଗରାଇ ବାସୀ ଅଣ କଂଗ୍ରେସ ଦଳର ପ୍ରତିନିଧି ଙ୍କୁ ବିଧାୟକ ଭାବେ ନିର୍ବାଚିତ କରିଆସୁଛନ୍ତି। ସ୍ୱର୍ଗତ ଡାକ୍ତର କମଳା ଦାସ ଜନତା ଦଳରୁ ୨ଥର, ବିଜେଡିରୁ ଥରେ ଏବଂ ଅନନ୍ତ ଦାସ ୪ଥର ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ୨୦୨୪ ନିର୍ବାଚନରେ ରାଜ୍ୟରେ ଦଳ ବିପର୍ଯ୍ୟୟର ସାମ୍ନା କରିଥିବା ବେଳେ ଭୋଗରାଇରେ ବିଜେଡି ବାଜିମାତ୍ କରିଛି। ଲଗାତର ୩ୟ ଥର ପାଇଁ ବିଜେଡି ସହ ପ୍ରତିଦ୍ୱନ୍ଦ୍ୱିତା କରିଥିବା କଂଗ୍ରେସର ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ୬ହଜାର ୬୧୬ଖଣ୍ଡ ଭୋଟରେ ପରାସ୍ତ କରାଇ ବିଜେଡିର ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କୁ ଭୋଗରାଇ ବାସୀ ବିଜୟ ମୁକୁଟ ପିନ୍ଧାଇଛନ୍ତି। ଏଥର ୧, ୭୫, ୯୭୫ ଜଣ ଭୋଟର ମତସାବ୍ୟସ୍ତ କରିଥିଲେ ହେଁ, ବିଜେଡିକୁ ଇଭିଏମ ଭୋଟ ୭୦୦୮୩ ସହିତ ପୋଷ୍ଟାଲଭୋଟ ୧୧୫ ମିଶି ୭୦, ୧୯୮ ଭୋଟ, ଏବଂ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସକୁ ଇଭିଏମରେ ୬୩, ୪୬୭ ଭୋଟ ଓ ପୋଷ୍ଟାଲ ୧୬୭ ମିଶି ୬୩, ୬୩୪ ଭୋଟ ମିଳିଥିଲା। ମଙ୍ଗଳବାର ଭୋଟ ଗଣତି ସରିବା ପରେ ନବନିର୍ବାଚିତ ବିଧାୟକଙ୍କୁ ବୁଧବାର ସକାଳେ ତଲାଡିସ୍ଥିତ ତାଙ୍କର ପୈତୃକ ବାସଭବନରେ ଭୋରରୁ ଦଳୀୟ କର୍ମକର୍ତ୍ତା ଠାରୁ ଆରମ୍ଭ କରି ସାଧାରଣ ଭୋଟର ସଭିଏଁ ଶୁଭେଚ୍ଛା ଜଣାଇବା ପାଇଁ ଗହଳି ଲାଗିରହିଥିବା ଦେଖିବାକୁ ମିଳିଥିଲା। ଭୋଗରାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରବିର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ, ବିଜେଡି ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ସାହାବାଜୀପୁର ସରପଞ୍ଚ ଅରୁଣ ଗିରି, ଶିକ୍ଷକ ନେତା ଶୁଶାନ୍ତ ବେହେରା, ଶ୍ରଦ୍ଧାପୁର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ଜେନା, ପୂର୍ବତନ ସଦସ୍ୟ ଶୁଶାନ୍ତ ନାୟକ, ସାମ୍ବାଦିକ ସୁବାସ ଦାସ, ରାଧାକାନ୍ତ ପ୍ରଧାନ, ଅନନ୍ତ ପ୍ରଧାନ, ଶିଶିର କୁମାର ପ୍ରଧାନ, ସମ୍ବାଦର ଦିଲ୍ଲିପ ଦାସ, ଅଂଶୁମାନ ରାଉତ, ସୁଶାନ୍ତ ମଣ୍ଡଳ, ପ୍ରଶାନ୍ତ ଦାସ, ଦେବାଶିଷ ସାମଲ, ଗଣେଶ ଘଡାଇ, ନାଛିଦା ସରପଞ୍ଚ ଶିଶିର ରଣା, ଦାରୁହା ସରପଞ୍ଚ ସୂରଜ କୁମାର ଭଞ୍ଜ, ଦୁଡପଳ ସରପଞ୍ଚ ଚିତ୍ରଲେଖା ବେହେରା, ଆଇନଜୀବୀ ଜୟକୃଷ୍ଣ ମହାନ୍ତି, ମନୋଜ କୁମାର ଚାନ୍ଦ, ମନୋଜ କୁମାର ମହାନ୍ତି, ଉମାକାନ୍ତ ପ୍ରଧାନ, ବିଜୟ କୁମାର ଦାସ, ମାନସ କୁମାର ମିତ୍ର, ମହାଗବର ବିଦ୍ୟାଧର ଦାସ, ଅସିତ ଅଧିକାରୀ, ଦାହୁଣଦାର ରାମକୃଷ୍ଣ ଘୋଷ, ବିଜୟକୁମାର ଦାସ, ଜୟକୃଷ୍ଣ ମହାପାତ୍ର, ସିଆରୋଇର ପୂର୍ଣ୍ଣଚନ୍ଦ୍ର ଜେନା, ପୁଷ୍ଟିସାର ରାଧାକାନ୍ତ ମହାପାତ୍ର, ତପନ ପାତ୍ର, ଦୁଡପଳର ଅନାଦି ନନ୍ଦନ ପାଳ, ଭବଶଙ୍କର ପାତ୍ର ସମେତ ଭୋଗରାଇର ୫୦ଟି ପଞ୍ଚାୟତରୁ ଲୋକଙ୍କର ସୁଅ ଛୁଟିଥିଲା। ତେବେ ସ୍ୱାଭିମାନୀ ଭୋଗରାଇ ବାସୀଙ୍କ ସହ ଗାଁ ଗାଁ ବୁଲି ଆଗାମୀ ଦିନରେ ଅଞ୍ଚଳର ସମସ୍ୟାକୁ ନେଇ ସେ ଅଞ୍ଚଳ ବାସୀଙ୍କ ସହିତ ହାତ ମିଳାଇ କାମ କରିବେ ବୋଲି ଶ୍ରୀ ଦାସ କହିଛନ୍ତି।







## ଶିକ୍ଷାନୁଷ୍ଠାନରେ ବିଶ୍ୱ ପରିବେଶ ଦିବସ ପାଳିତ



ଜଳେଶ୍ୱର ବ୍ଲକ, ୫।୬ (ସମିସ) : ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୁଧବାର ସକାଳ ୮ ଟାରେ ସେକସରାଇସ୍ଥିତ ରାମକୃଷ୍ଣ ଆଶ୍ରମ ପରିସରରେ ବିବେକାନନ୍ଦ ବିଦ୍ୟା ମନ୍ଦିରର ସଭାପତି ଡ. ଅଜିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ପବିତ୍ର ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ସୁକୁମାର ରଣା ପବିତ୍ର ବିଶ୍ୱ ପରିବେଶ ଦିବସରେ ବୃକ୍ଷ ରୋପଣ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜଳେଶ୍ୱରର ଗଛ ମଣିଷ ଗୁରୁଜୀ ନରହରି ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା କୟାଲ, ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ନନ୍ଦିକା ପରିସରରେ ପବିତ୍ର ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ସଭାପତି ବିଷ୍ଣୁପଦ ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବରେ ପ୍ରକୃତି ମିତ୍ର ପୁରସ୍କାର ପାଇଥିବା ତଥା ଜଳେଶ୍ୱର ବ୍ଲକ, ଜଳେଶ୍ୱର ମ୍ୟୁନିସିପାଲିଟି ତଥା ଭୋଗରାଇ ଇକୋକ୍ଲବର ମାଷ୍ଟର ଟ୍ରେନର ଡ. ଅଜିତ କୁମାର ମହାନ୍ତି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଯୁଗୋଳ କିଶୋର ପ୍ରଧାନ, ବରିଷ୍ଠ ଉପଦେଷ୍ଟା କମଳ ଚକ୍ରବର୍ତ୍ତୀ, ସୁନୀଲ କୁମାର ନାୟକ, ସୁକୁମାର ରଣା, ନରହରି ବେହେରା, ଡ. ନିରୁପମା ମହାନ୍ତି, ପ୍ରିୟଙ୍କା ଆଶ, ଅଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନ ତରଫରୁ ପବିତ୍ର ବିଶ୍ୱ ପରିବେଶ ଦିବସ ରେ ପ୍ରକୃତିମିତ୍ର ଡ. ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଉପାୟନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପବିତ୍ର ବିଶ୍ୱ ପରିବେଶ ଦିବସ ଅବସରରେ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ନୂତନ କେମ୍ପସରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଡ. ଅଜିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖାଉଟି ସୁରକ୍ଷାର ସଭାପତି ସୁକୁମାର ରଣା, ଜଳେଶ୍ୱରର ଗଛ ମଣିଷ ନରହରି ବେହେରା, ହେମନ୍ତ କୁମାର ଗିରି, ଦିବ୍ୟଜ୍ୟୋତି ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦିକା ମଧୁଛନ୍ଦା ମହାନ୍ତି ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ।



ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ

# ‘ଗଛ ଗଛ ଗଛ, ଆଉ ସବୁ କଥା ପଛ’










ବାଲେଶ୍ୱର, ୫।୬(ସମିସ):

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବେଶ ସଂରକ୍ଷଣ ଦିଗରେ ସର୍ବଦା ଯତ୍ନଶୀଳ। ବିଶ୍ୱ ପରିବେଶ ଦିବସ ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେ ନିଜ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରି ଗଢିତୋଳିବା ପରେ ବର୍ତ୍ତମାନ ପରିସର ବାହାରେ ତଥା ବିଶ୍ୱବିଦ୍ୟାଳୟର ନିକଟତମ ଗ୍ରାମ ମିତ୍ରପୁରସ୍ଥିତ ବ୍ଲୁ ଲେକ୍ ଅଞ୍ଚଳରେ ଥିବା ପତିତ ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ଉଦ୍ୟମରେ ମଛୁଆ ଗ୍ରାମ ଉପକଣ୍ଠସ୍ଥ ବିଭିନ୍ନ ପତିତ ଜମିରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବର, ଅଶ୍ୱସ୍ଥ, ଜାମୁ, ନିମ୍ବ, ବେଲ, ବଉଳ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା।ଏଥିସହ କରଞ୍ଜ, ବଉଳ, ତେନ୍ତୁଳି, ଚାରକୋଳି, ମହୁଲ, ବରକୋଳି, କାଠବାଦାମ ଆଦି ଗଛର ମଞ୍ଜି ସହ ମାଟି ଓ ଖତକୁ ନେଇ ପ୍ରସ୍ତୁତ ହୋଇଥିବା ମଞ୍ଜିଗୋଲାକୁ ମଛୁଆ ଗ୍ରାମର ପାହାଡ ତଳି ପତିତ ଜମିରେ ନିକ୍ଷେପ କରାଯାଇଥିଲା। ଆଗାମୀ ମୌସୁମୀର ଆଗମନରେ ଉପଯୁକ୍ତ ପରିବେଶ ପାଇ ଏହି ମଞ୍ଜିଗୋଲାରୁ ଅଙ୍କୁରୋଦଗମ ହୋଇ ଏକ ସବୁଜବଳୟ ସୃଷ୍ଟିର ଆଧାର ହୋଇପାରିବ ବୋଲି ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଜନସଚେତନତା ପଦଯାତ୍ରା ଆୟୋଜିତ କରାଯାଇଥିଲା। ନୂଆପାଢ଼ୀସ୍ଥିତ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକଠାରୁ ମିତ୍ରପୁର ବଜାର ପର୍ଯ୍ୟନ୍ତ ଯାଇ ଉପସ୍ଥିତ ଜନସାଧାରଣଙ୍କୁ ପରିବେଶର ମହତ୍ତ୍ୱ, ଏହାର ଜୈବ ବିବିଧତା ଓ ସ୍ୱଚ୍ଛତା ସମ୍ପର୍କରେ ସଚେତନତାମୂଳକ ପ୍ରଚାରପତ୍ର ବଣ୍ଟନ କରାଯାଇ ପଦଯାତ୍ରାକୁ ସଫଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ ମାର୍ଗଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ, ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୯୭୨ ମସିହାଠାରୁ ପ୍ରତିବର୍ଷ ଜୁନ ପାଞ୍ଚ ତାରିଖରେ ବିଶ୍ୱ ପରିବେଶ ଦିବସ ଆୟୋଜିତ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ୫୨ତମ ସଂସ୍କରଣ ଅନୁସାରେ ‘ପତିତ ଜମି ପୁନରୁଦ୍ଧାର, ମରୁଭୂମି ଓ ମରୁଡ଼ି ପ୍ରତିରୋଧ ବିଷୟବସ୍ତୁ ଉପରେ ପର୍ଯ୍ୟବେଶିତ ହୋଇ ସାରା ବିଶ୍ୱରେ ଏହାକୁ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବହୁ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ସହଯୋଗ ଓ ଉପସ୍ଥିତି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟକୁ ସୁଦୂର ପ୍ରସାରିତ କରିବାରେ ସହାୟକ ହୋଇଥିଲା।

ନୀଳଗିରି : ନୀଳଗିରିର ସିଆଡିମାଳ ସିନ୍ଦୁରିଆ ଗ୍ରାମରେ ପ୍ରକୃତି ପ୍ରେମୀ, ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଂଯୋଜନାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱରର ତିନୋଟି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରାଜେନ୍ଦ୍ର ରାଉତ ଫାଉଣ୍ଡେସନ, ବ୍ରଜେନ୍ଦ୍ର କୁମାର ପରିଡ଼ା ଫାଉଣ୍ଡେସନ, ଅରଣ୍ୟକ ସଂଗଠନର କର୍ମକର୍ତ୍ତା ସ୍ଥାନୀୟ ଗ୍ରାମବାସୀ ମାନଙ୍କୁ ନେଇ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ କବି ଦେବଜାନୀ ଦାସ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ପରିବେଶ ପ୍ରେମୀ କେଶୁଦାସ, ଯୁବ ପରିବେଶବିତ ତଥା ଅଧକ୍ଷ ରାଜେନ୍ଦ୍ର ରାଉତ ଫାଉଣ୍ଡେସନର ବିରୋଜ କୁମାର ରାଉତ, ନୀଳପ୍ରଭା ସାମାଜିକ ଅନୁଷ୍ଠାନର ସମ୍ପାଦକ ଭକ୍ତଶ୍ରୀ ଦାସ, ପ୍ରକୃତିପ୍ରେମୀ ସୁନାରାମ ସିଂ, ଅଭିଷେକ ପରିଡ଼ା, ଅଜୟ ସିଂ, ଦେବେନ୍ଦ୍ର ରାଉତ, ବ୍ୟଙ୍ଗ କବି ପ୍ରଭାକର ସାହୁ ପ୍ରମୁଖ ଯୋଗଦାନ କରି କଥାରେ କବିତାରେ ସଚେତନ ଉପସ୍ଥିତ ଗ୍ରାମବାସୀ, ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ବଢୁଥିବା ତାପମାତ୍ରା ଆଗାମୀ ଦିନରେ ଜୀବଜଗତ ପ୍ରତି ଯେମିତି କାଳ ନ ହେଉ। ଏହି ବର୍ଷାଋତୁ ଆରମ୍ଭରୁ ଗଛ ଲଗାଇବା ପାଇଁ ସାମୁହିକ ଆହ୍ୱାନ କରିଥିଲେ। ନୀଳଗିରିର ସବୁଜିମା ଅକ୍ଷତ ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଶପଥ କରିଥିଲେ। ‘ଗଛଗଛ ଗଛ, ଆଉ ସବୁ କଥା ପଛ’ ସ୍ଲୋଗାନରେ ଅଞ୍ଚଳ ଗୁଞ୍ଜରିତ ହୋଇ ଉଠୁଥିଲା। ସିନ୍ଦୁରିଆ ପ୍ରାଥମିକ ବିଦ୍ୟାଳୟ ପରିସର ଓ ସ୍ଥାନୀୟ ଗ୍ରାମରେ ବୃକ୍ଷ ପ୍ରେମୀମାନେ କମ ପାଣିରେ ବଞ୍ଚୁଥିବା ଦେବଦାରୁ, ବଉଳ, ଆକାଶୀ, ପିଆଶାଳ ଆଦି ବୃକ୍ଷରୋପଣ କରିଥିଲେ। ସ୍ଥାନୀୟ ପିଲା ଓ ଅଭିବାବକ ମାନେ ଉକ୍ତ ବୃକ୍ଷମାନର ରକ୍ଷଣାବେକ୍ଷଣ ପାଇଁ ଶପଥ ଗ୍ରହଣକଲେ। ଯୁବ ପ୍ରକୃତିପ୍ରେମୀ ଉପାସନା ପଟ୍ଟନାୟକଙ୍କୁ ଯୁବ ବିଭାଗରେ ସବୁଜ ସମ୍ମାନ-୨୪ ଓ ଶିଶୁ ବିଭାଗରେ ପରିବେଶପ୍ରେମୀ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଏସ ଏନ ଲିପସାଙ୍କୁ ସବୁଜ ସମ୍ମାନ-୨୪ ରାଜେନ୍ଦ୍ର ରାଉତ ଫାଣ୍ଡେସନ ତରଫରୁ ମାନପତ୍ର ନଗଦ ଅର୍ଥରାଶି, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଶେଷରେ ଶୁଭ୍ରାଂଶୁ ଶେଖର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଆଗ୍ନେଶା ପଟ୍ଟନାୟକ, ଦେବିଦତ୍ତ ମହାରଣା, ସ୍ଥାନୀୟ ନିରଞ୍ଜନ ବେହେରା, ଶିବ ସିଂ ସହଯୋଗ କରିଥିଲେ। ମୌନ ଧ୍ୱନି ମୟୂରଭଞ୍ଜ ସାମାଜିକ ଅନୁଷ୍ଠାନର କୋଡିଏ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ଥ ୟୁର ମିଳିତ ଆୟୋଜନରେ ବିଶ୍ୱ ପରିବେଶ ଦିବସ ସ୍ଥାନୀୟ ସୁନହଟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳସେନ ଜଗଦେବଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ଏକ ସଚେତନତା ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଡା. ମୃତ୍ୟୁଞ୍ଜୟ ମିଶ୍ର ପରିବେଶ ସୁରକ୍ଷା, ମୋ ଜମି ମୋ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଡିପିଏମ ଅନିଲ ମହାନ୍ତି ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ସହ ସମସ୍ତଙ୍କୁ ନିଜନିଜ ବାଡ଼ିରେ ବୃକ୍ଷ ରୋପଣ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଚେତନତା ସଭାରେ ଡା ଅରୂପ ଅଭିଷେକ, ଡା ମମତା ସାହୁ, ରମଣୀକାନ୍ତ ଭଞ୍ଜ, ନରେଶ ସେଠୀ ପ୍ରମୁଖ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁନହଟ ଡାକ୍ତରଖାନା ପରିସରରେ ଚାରାରୋପଣ କରାଯାଇଥିଲା।

## ଅଶ୍ୱିନୀଙ୍କୁ ଅଭିନନ୍ଦନ ଜଣାଇଲେ ସୁଦର୍ଶନ

ଜଳେଶ୍ୱର ବ୍ଲକ, ୫।୬ (ସମିସ): ଚଳିତ ସାଧାରଣ ନିର୍ବାଚନରେ ଜଳେଶ୍ୱର ବିଧାନ ସଭା କ୍ଷେତ୍ରରୁ ବିଧାୟକ ଭାବରେ ଅଶ୍ୱିନୀ କୁମାର ପାତ୍ର ପଞ୍ଚମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ତାଙ୍କୁ କଂଗ୍ରେସର ପରାଜିତ ପ୍ରାର୍ଥୀ ସୁଦର୍ଶନ ଦାସ ଅଭିନନ୍ଦନ ଜଣାଇଛନ୍ତି। ଏକ ପ୍ରେସ ବାର୍ତ୍ତାରେ ଶ୍ରୀ ଦାସ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜଳେଶ୍ୱର ର ବିକାଶ ଓ ଅନେକ କିଛି ସମସ୍ୟାର ସମାଧାନ ଦିଗରେ ଶ୍ରୀ ପାତ୍ର କାର୍ଯ୍ୟ କରିବେ ବୋଲି ଆଶା ପୋଷଣ କରିଛନ୍ତି। ଜଳେଶ୍ୱରବାସୀଙ୍କ ରାୟକୁ ସେ ସମ୍ମାନ ଜଣାଇବା ସହିତ ନିଜର ପରାଜୟକୁ ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି ଯେ ପରାଜିତ ହେଲା ପରେ ମଧ୍ୟ ଜଳେଶ୍ୱରବାସୀଙ୍କ ପାଇଁ ସେବା ଓ ସଂଗ୍ରାମ ଜାରି ରଖିବେ। ଜଳେଶ୍ୱର ବାସୀଙ୍କ ଅକୁଣ୍ଠ ସ୍ନେହ ଓ ଭଲ ପାଇବା ପାଇଛନ୍ତି। ତାହାକୁ ପାଥେୟ କରି ସେ ସେମାନଙ୍କ ପାଇଁ ସେବା ଓ ସଂଗ୍ରାମ ପଥରେ ଚାଲିବାରୁ କେବେ ନିବୃତ୍ତ ହେବେ ନାହିଁ ବୋଲି କହିଛନ୍ତି।

## ନିଟ୍ ୟୁଜି ପରୀକ୍ଷାରେ ଆକାଶ ଏଜୁକେସନାଲ୍ ସର୍ଭିସେସ୍‌ର ସଫଳତା




ବାଲେଶ୍ୱର, ୫।୬(ସମିସ): ପରୀକ୍ଷା ପ୍ରସ୍ତୁତି ସେବା କ୍ଷେତ୍ରରେ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡର ବାଲେଶ୍ୱରରୁ ୫ଜଣ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି। ସେମାନେ ଚଳିତ ନିଟ ୟୁଜି ୨୦୨୪ ପରୀକ୍ଷାରେ ୬୯୫ ଓ ତାହାଠାରୁ ଅଧିକ ମାର୍କ ହାସଲ କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ସେମାନଙ୍କର କଠିନ ପରିଶ୍ରମ, ସମର୍ପଣଭାବ ଓ ଏଇଏସଏଲ ଦ୍ୱାରା ପ୍ରଦାନ କରାଯାଇଥିବା ଉଚ୍ଚମାନର କୋଚିଂର ଏକ ପ୍ରମାଣ ଅଟେ। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ଏହି ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଛି। ଏହି ପରୀକ୍ଷାରେ ଉତ୍ତମ କୁମାର ପଣ୍ଡା ୭୧୫ମାର୍କ ରଖି ଏଆଇଆର ୨୩୪ ହାସଲ କରିଥିବା ବେଳେ ସଞ୍ଜୀବ ମହାନ୍ତି ୭୦୦ ମାର୍କ ରଖି ଏଆଇଆର ୨୦୬୮ ର୍‍ୟାଙ୍କ, ଇତିଶ୍ରୀ ଦାସ୬୯୫ମାର୍କ ରଖି ଏଆଇଆର ୩୦୨୨, ଭାବେଶ କୁମାର ମହାନ୍ତି ୬୯୫ମାର୍କ ରଖି ଏଆଇଆର ୩୫୩୬ ଓ ଶେଖ ଗାଲିବ ରାଜା ୬୯୫ମାର୍କ ରଖି ଏଆଇଆର ୩୪୨୧ର୍‍ୟାଙ୍କ ହାସଲ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ଆକାଶ ଆମକୁ ଉଭୟରେ ସାହାଯ୍ୟ କରିଛି। ଏହି ଅବସରରେ ଶାଖା ମୁଖ୍ୟ ଜ୍ଞାନରଞ୍ଜନ ଲେଙ୍କା, ଏକାଡେମିକ ମୁଖ୍ୟ (ମେଡିକାଲ) ଡ. ସନ୍ତୋଷ କୁମାର ସିଂହ, ଏକାଡେମିକ ମୁଖ୍ୟ ଉଜ୍ଜ୍ୱଳ କୁମାର, ଏଏଚ ଇଞ୍ଜିନିୟରିଂ ଅବିନାଶ କୁମାର ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ)ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୂର ସିଂହ କହିଛନ୍ତି, ଆମେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଚମତ୍କାର ସଫଳତା ପାଇଁ ଶୁଭେଚ୍ଛା ଜଣାଉଛୁ। ଦେଶବ୍ୟାପୀ ୨୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ନିଟ୍ ୨୦୨୪ ପରୀକ୍ଷା ଦେଇଥିଲେ। ଛାତ୍ରଛାତ୍ରୀଙ୍କର ସଫଳତା ସେମାନଙ୍କର କଠିନ ପରିଶ୍ରମ ଓ ସମର୍ପଣଭାବ ସମେତ ସେମାନଙ୍କ ଅଭିଭାବକଙ୍କର ସହଯୋଗ ରହିଛି ବୋଲି କହିଥିଲେ।

## ଦିନବେଳା ସହରରେ ପଶୁଛି ଭାରୀଯାନ

- ସହରର ଭିନ୍ନ ଭିନ୍ନ ସ୍ଥାନରେ ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା
- ପୁଲିସ ପ୍ରଶାସନର ନାହିଁ କଟକଣା



ବାଲେଶ୍ୱର, ୫।୬(ସମିସ):

ସମ୍ପ୍ରତି ବାଲେଶ୍ୱର ସହରରେ ଯାନବାହାନ ଚଳାଚଳକୁ ନେଇ କୌଣସି କଟକଣା ନଥିବା ଯୋଗୁ ଅଧିକାଂଶ ବଜାରରେ ଭିନ୍ନଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ପୂର୍ବରୁ ଦିନ ବେଳା ସହର ଭିତରେ ମାଲ ବୋଝେଇ ଭାରି ଯାନ ଚଳାଚଳ ଉପରେ ପୁଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିଲା। ମାତ୍ର ବର୍ତ୍ତମାନ ଏହି କଟକଣାକୁ ନ ମାନି ଦିନ ବେଳା ଭାରୀଯାନ ଗୁଡିକ ସହର ଭିତରକୁ ପ୍ରବେଶ କରୁଥିବା କାରଣରୁ ଭିନ୍ନଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।ଏଥିପ୍ରତି ପୁଲିସ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ଜନ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ପୁଲିସ ପ୍ରଶାସନର ନିୟମାନୁସାରେ ଦିନ ସାଢେ ଆଠଟାରୁ ରାତି ନଅଟା ମଧ୍ୟରେ ସହର ଭିତରକୁ କୌଣସି ମାଲ ବୋଝେଇ ଭାରୀ ଯାନ ପ୍ରବେଶ କରି ପାରିବ ନାହିଁ। ଯଦି କୌଣସି ମାଲ ବୋଝେଇ ଭାରୀଯାନ ସହର ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରେ, ତାକୁ ଟ୍ରାଫିକ ପୋଷ୍ଟରେ ଥିବା ପୁଲିସ ଅଟକାଇବା କଥା। ମାତ୍ର ଟ୍ରାଫିକ ପୋଷ୍ଟ ଡିୟୁଟିରେ ଥିବା କେତେକ ପୁଲିସ କର୍ମଚାରୀ ଏହି ମାଲ ବୋଝେଇ ଭାରୀଯାନ ଗୁଡିକର ଚାଳକଙ୍କ ଠାରୁ ହାତଗୁଞ୍ଜା ନେଇ ଦିନବେଳା ସହର ଭିତରକୁ ଯିବା ପାଇଁ ଅନୁମତି ଦେଉଥିବା ଅଭିଯୋଗ ହେଉଛି। ଦୈନନ୍ଦିନ ଏହିଭଳି ଟ୍ରାଫିକ ପୁଲିସର ସହାୟତାରେ ମାଲ ବୋଝେଇ ଭାରୀଯାନ ଗୁଡିକ ସହରର ଭିନ୍ନଭିନ୍ନ ସ୍ଥାନକୁ ଯାଉଥିଲାବେଳେ ସହରର ଅଧିକାଂଶ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ବିଶେଷକରି ସହରର ବ୍ୟବସାୟିକ ପେଣ୍ଠସ୍ଥଳ କୁହାଯାଉ ଥିବା ନୂଆବଜାର ମୋତିଗଞ୍ଜ ବଜାରକୁ ଆଳୁ ବୋଝେଇ, ଫଳ ବୋଝେଇ ଓ ପନିପରିବା ବୋଝେଇ ହେଇ ଭାରି ଯାନ ଗୁଡିକ ଯାଉଥିବା ବେଳେ ରାସ୍ତାର ଭିନ୍ନଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଏଭଳି ସୃଷ୍ଟି ହେଉଛି ଯେ, ବାଇକ ଚାଳକ ମାନଙ୍କୁ ଅତିକ୍ରମ କରିବା ପାଇଁ ନାକେଦମ ହେବାକୁ ପଡୁଛି। ଆସନ୍ତା ଗୁରୁବାର ଦିନ ସାବିତ୍ରୀ ଅମାବାସ୍ୟା ଥିବା ଯୋଗୁ ବୁଧବାର ଫାଣ୍ଡି ଛକ, ନୂଆବଜାର ଓ ମୋତିଗଞ୍ଜ ବଜାରରେ ଖରିଦଦାରଙ୍କ ଗହଳି ଅଧିକ ଥିଲା। ମାତ୍ର ସହରର ଏହି ବଜାର ଗୁଡିକୁ ଆଜି ଦିନବେଳା ଏକାଧିକ ମାଲ ବୋଝେଇ ଗାଡି ଯାଉଥିବା ଯୋଗୁଁ ଅନେକ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଇଥିବା ଦେଖାଯାଇ ଥିଲା। ମାଲ ବୋଝେଇ ବଡ଼ବଡ଼ ଗାଡି ଗୁଡିକ ଯାଉଥିବା ବେଳେ ଅଣ ଓସାରିଆ ରାସ୍ତାର ଜନ ଗହଳି ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପୁଲିସ ପକ୍ଷରୁ ପର୍ବପର୍ବାଣୀରେ ଦିନବେଳା ସହର ଭିତରକୁ ପ୍ରବେଶ କରୁଥିବା ଗାଡି ଗୁଡିକୁ ନ ଅଟକାଇବା ନେଇ ଜନ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଦିନବେଳା ସହର ଭିତରକୁ ମାଲ ବୋଝେଇ ଭାରୀଯାନ ଚଳାଚଳ କରିବା ବାବଦରେ ଟ୍ରାଫିକ ଥାନା ଦାୟିତ୍ୱରେ ଥିବା ସହଦେବଖୁଣ୍ଟା ଥାନା ଅଧିକାରିଣୀ ପ୍ରଜ୍ଞା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ବାଚନ ପାଇଁ ପୁଲିସ ପକ୍ଷରୁ କାର୍ଯ୍ୟବ୍ୟସ୍ତତା ଅଧିକ ବଢ଼ି ଯାଇଥିବା କାରଣରୁ ମାଲ ବୋଝେଇ ଯାନ ଗୁଡିକ ସହର ଭିତରକୁ ଦିନବେଳା ପ୍ରବେଶ କରିଛି। ପରବର୍ତ୍ତୀ ସମୟରେ ଦିନବେଳା ଯାନ ଗୁଡିକୁ ସହର ଭିତରକୁ ପଶିବାକୁ ଦିଆଯିବ ନାହିଁ ବୋଲି ଥାନା ଅଧିକାରିଣୀ ମହାନ୍ତି କହିଛନ୍ତି।

## ମେଡିକାଲ ପ୍ରବେଶିକା ପରୀକ୍ଷାରେ ନିଷ୍କକୁ ସଫଳତା




ବାଲେଶ୍ୱର, ୫।୬(ସମିସ): ସ୍ଥାନୀୟ ନଳମଗଞ୍ଜିସ୍ଥିତ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ମୁଖ୍ୟ କାର୍ଯ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ୬୩୦ମାର୍କ ଉପରେ ରଖିଥିବା ଛାତ୍ରଛାତ୍ରୀଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ନିଷ୍କରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ା ସାଙ୍ଗକୁ ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଇଥାଏ। ଏବର୍ଷ ଛାତ୍ରୀ ବିନିତା କମିଲା ୬୭୪ମାର୍କ ରଖି ଅନୁଷ୍ଠାନର ଟପ୍ପର ହୋଇଥିବା ବେଳେ ଶୁଭମ ହୋତା ୬୫୪ମାର୍କ ରଖିଥିବା ବେଳେ ସ୍ୱର୍ଣ୍ଣପ୍ରଭା ମହାରଣା ୬୫୧, ଅମର କୁମାର ଷେଣ୍ଡ ୬୩୮, ପ୍ରିୟଙ୍କା ପାତ୍ର ୬୩୨ ଓ ଅଲିଭା ପାତ୍ର ୬୩୧ମାର୍କ ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ହରିହର ରାଉତ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଦିଲ୍ଲୀପ କୁମାର ନାୟକ ଯୋଗଦେଇ ନିଷ୍କର ଏହି ସଫଳତା ପାଇଁ ଶୁଭ କାମନା ଜଣାଇଥିଲେ। କୃତୀ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଜିତ କୁମାର ସାହୁ, ସଦାଶିବ ଜେନା, ମନୋଜ କୁମାର ପ୍ରଧାନ, ଜୀବନ କୁମାର ବିଶ୍ୱାଳ, ସ୍ମୃତିରଞ୍ଜନ ଅଧିକାରୀ, ତପନ କୁମାର, ଉତ୍ତମ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

